# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 October - 2024**

**News Editor : *Tapan Kumar Moharana***

********************************

## ମୁଖ୍ୟ ସମ୍ବାଦ

- ଆଧୁନିକ ପ୍ରକ୍ରିୟାରେ ଖରିଫ୍ ଧାନ କ୍ରୟ ସହ ବାହାର ରାଜ୍ୟର ଚାଷୀଙ୍କୁ ପ୍ରଶୟ ଦିଆଯିବ ନାହିଁ ବୋଲି କହିଲେ, ମୁଖ୍ୟମନ୍ତ୍ରୀ
- ସ୍ୱାସ୍ଥ୍ୟସେବା, କୃଷି ଓ ସହର ସମସ୍ୟାର ସମାଧାନ ପାଇଁ ୩ଟି ଏଆଇ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପାଇଁ ଘୋଷଣା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀ ଅବସରରେ ଦେଶ ଜଣାଇଲା ଶ୍ରଦ୍ଧାଞ୍ଜଳି

ଏବଂ

- ମହାରାଷ୍ଟ୍ର ଓ ଝାରଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କଲେ ନିର୍ବାଚନ କମିଶନ

## ମୁଖ୍ୟମନ୍ତ୍ରୀଙ୍କ ଧାନକିଣା ସମୀକ୍ଷା

ଖରିଫ ଧାନ ଅମଳ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାର ଆଜି ଧାନ କିଣାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଆଧୁନିକୀକରଣ ମାଧ୍ୟମରେ ଧାନ କିଣା ଯିବା ସହ ବାହାର ରାଜ୍ୟର ଚାଷୀ ଯେପରି ଓଡ଼ିଶାର ମଣ୍ଡିରେ ଧାନ ବିକି ନ ପାରିବେ, ସେ ନେଇ ଆବଶ୍ୟକ ବ୍ୟବସ୍ଥା କରାଯିବା ଉପରେ ବୈଠକରେ ଆଲୋଚନା ହୋଇଛି।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ, ଧାନ କିଣା ସମୟରେ ପ୍ରତି ମଣ୍ଡିରେ ଜଣେ ଲେଖାଏଁ ପ୍ରାଧିକୃତ ଅଧିକାରୀ ରହିବେ। ଏକାଧିକ ଧାନ ମଣ୍ଡିକୁ ନେଇ ଗୋଟିଏ ଲେଖାଏଁ ଜୋନ୍ ତିଆରି ହେବ ଏବଂ ପ୍ରତି ଜୋନ୍‌ରେ ଜଣେ ଲେଖାଏଁ ସୁପରଭାଇଜର ରହିବେ। ଯୋଗାଣ, ସମବାୟ, ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଏହି ଦାୟିତ୍ୱରେ ରହିବେ। ଆବଶ୍ୟକ ପଡିଲେ ପଂଚାୟତିରାଜ ବିଭାଗର ଅଧିକାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯିବ। ଚାଷୀଙ୍କୁ ଟୋକନ ପ୍ରଦାନ ବିଷୟରେ ସମସ୍ତ ନିଷ୍ପତ୍ତି ଜିଲ୍ଲାପାଳ ନେବେ। ଧାନ କିଣା ବ୍ୟବସ୍ଥା ତଦାରଖ ପାଇଁ ପ୍ରତି ମନ୍ତ୍ରୀଙ୍କୁ ଦୁଇରୁ ତିନୋଟି ଜିଲ୍ଲାର ଦାୟିତ୍ୱ ଦିଆଯିବ। ବୈଠକରେ ପରେ ଧାନକିଣା କାରବାରରେ ବାହାର ଚାଷୀଙ୍କୁ ସୁଯୋଗ ନ ଦେବା ପାଇଁ ରାଜ୍ୟର ସୀମାକୁ ସିଲ୍ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି।

## ଉତ୍କର୍ଷ କେନ୍ଦ୍ର ଘୋଷଣା

ସ୍ୱାସ୍ଥ୍ୟସେବା, କୃଷି ଓ ସହରରେ ଥିବା ପ୍ରମୁଖ ସମସ୍ୟାର ସମାଧାନ ବାହାର କରିବା ପାଇଁ ଏଆଇ ଟେକ୍ନୋଲୋଜିକୁ ବିକଶିତ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ  ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀଠାରେ ସ୍ୱାସ୍ଥ୍ୟସେବା, କୃଷି ଏବଂ ସ୍ଥାୟୀ ସହର କ୍ଷେତ୍ରକୁ ବିଶେଷ ଦୃଷ୍ଟିରେ ରଖି ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ) ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଥିବା ୩ଟି ଉତ୍କର୍ଷ କେନ୍ଦ୍ର ବିଶ୍ୱର ଜନକଲ୍ୟାଣକାରୀ ମନ୍ଦିର ଭାବେ ଉଭା ହେବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରର ନେତୃତ୍ୱ ଆଇଆଇଟି ଦିଲ୍ଲୀ ଏବଂ ଏମ୍ସ ଦିଲ୍ଲୀ ନେବ । କୃଷି କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରର ନେତୃତ୍ୱ ଆଇଆଇଟି ରୋପାର ନେବ ଏବଂ ଆଇଆଇଟି କାନପୁର ସ୍ଥାୟୀ ସହର କ୍ଷେତ୍ରରେ ଏଆଇ ଉତ୍କର୍ଷ କେନ୍ଦ୍ରକୁ ପରିଚାଳିତ କରିବ ।

## ଅବଦୁଲ କଲାମ ଜୟନ୍ତୀ

ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କର ୯୩ତମ ଜନ୍ମବାର୍ଷିକୀ ଆଜି ପାଳିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଦେଶର ବିଭିନ୍ନ ସ୍ଥାନରେ ଜନସାଧାରଣ ଡକ୍ଟର କଲାମଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ଅବଦୁଲ କଲାମ ସ୍ମୃତି କମିଟି ଏବଂ ଶିକ୍ଷକ ସମାଜ ପକ୍ଷରୁ **ନୟାଗଡ଼** ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ନିରାଡମ୍ବର

ଉତ୍ସବରେ ଜିଲ୍ଲାପାଳଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ଡକ୍ଟର କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଗଞ୍ଜାମ** ଜିଲ୍ଲା ଛତ୍ରପୁରରେ ଭାରତ ରତ୍ନ ପ୍ରାପ୍ତ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡକ୍ଟର ଏ.ପି.ଜେ. ଅବଦୁଲ କାଲାମଙ୍କ ୯୩ ତମ ଜନ୍ମବାର୍ଷିକୀ ମହାସମାରୋହରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଯୋଗଦେଇ ସ୍ଥାନୀୟ ପୁରୁଣା ଥାନା ସମ୍ମୁଖରେ ଥିବା ଏ.ପି.ଜେ. ଅବଦୁଲ କାଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ମହାରାଷ୍ଟ୍ର,ଝାଡ଼ଖଣ୍ଡ ନିର୍ବାଚନ

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ କମିଶନର ରାଜୀବ କୁମାର ଆଜି ତାରିଖ ଘୋଷଣା କରିଛନ୍ତି। କମିଶନରଙ୍କ ସୂଚନା ଅନୁସାରେ, ମହାରାଷ୍ଟ୍ରରେ ୨୮୮ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ନଭେମ୍ବର ୨୦ ତାରିଖରେ ମତଦାନ ହେବ।

ସେହିପରି, ଝାଡ଼ଖଣ୍ଡରେ ୮୧ ବିଧାନସଭା ଆସନ ପାଇଁ ନଭେମ୍ବର ୧୩ ଓ ୨୦ ତାରିଖ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ। ଉଭୟ ରାଜ୍ୟ ପାଇଁ ଭୋଟ ଗଣତି ନଭେମ୍ବର ମାସ ୨୩ ତାରିଖରେ କରାଯାଇ ଫଳାଫଳ ପ୍ରକାଶ ପାଇବ।

## ଅଗ୍ନିପଥ ନିଯୁକ୍ତି ଶିବିର

ଅଗ୍ନିପଥ ଯୋଜନାରେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ପାଇଁ ଆସନ୍ତା ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ ପୁରୀ ତାଳବଣିଆସ୍ଥିତ ଜିଲ୍ଲା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ଇନଡୋର ଷ୍ଟାଡିୟମରେ ନିଯୁକ୍ତି ଶିବିର ଅନୁଷ୍ଠିତ ହେବ। ଏଥିରେ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରୁ ଚୟନ ହୋଇଥିବା ପ୍ରାର୍ଥୀ ଏବଂ କେବଳ ଜେସିଓ ବର୍ଗର ସିପାହୀ ଫାର୍ମା, ସୈନିକ ଟେକ୍, ନର୍ସିଂ ସହାୟକ ଓ ଧାର୍ମିକ ଶିକ୍ଷକ ବର୍ଗର ନିୟମିତ ସୈନିକ ଏବଂ ପଶ୍ଚିମବଙ୍ଗ, ଓଡ଼ିଶା ଓ ସିକ୍କିମର ମହିଳା ମିଲିଟାରୀ ପୁଲିସ ପାଇଁ ଚୟନ ହୋଇଥିବା ପ୍ରାର୍ଥୀମାନେ ଅଂଶଗ୍ରହଣ କରିପାରିବେ। ଏହି ଶିବିରରେ ଅନଲାଇନରେ ସାଧାରଣ ପ୍ରବେଶିକା ପରୀକ୍ଷାରେ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷା ଏବଂ ମେଡ଼ିକାଲ ପରୀକ୍ଷା ଦେବାକୁ ପଡିବ। ପ୍ରାର୍ଥୀମାନେ ଭାରତୀୟ ସେନାର ୱେବସାଇଟ୍ www.joinindianarmy.nic.in ରେ ଥିବା ସେମାନଙ୍କ ପ୍ରୋଫାଇଲରେ ଲଗଇନ କରି ନିଯୁକ୍ତି ଶିବିର ପାଇଁ ଆଡମିଟ୍ କାର୍ଡ ଡାଉନ ଲୋଡ୍ କରିପାରିବେ।

## ରାଷ୍ଟ୍ରପତିଙ୍କ ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୪ ତାରିଖରେ ପୁରୀ ଗସ୍ତରେ ଆସୁଛନ୍ତି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ

ଦୃଷ୍ଟିରେ ରଖି ସମସ୍ତ ବିଭାଗର ଅଧିକାରୀଙ୍କ ସହ ଜିଲ୍ଲାପାଳ ଏକ ସମୀକ୍ଷା ବୈଠକ କରିଛନ୍ତି।

## ବନକଲାଗି ନୀତି

ଆଶ୍ୱିନମାସ ଶୁକ୍ଲପକ୍ଷ ଚତୁର୍ଦ୍ଦଶୀ ତିଥିରେ ଆସନ୍ତାକାଲି ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଦତ୍ତମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଆସନ୍ତାକାଲି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସହରର ଅଧିଷ୍ଠାତ୍ରୀ ଦେବୀ ମା’ବୁଢ଼ୀ ଠାକୁରାଣୀଙ୍କ ପାରମ୍ପରିକ ଶାରଦୀୟ ଯାତ୍ରାର ଅନ୍ତିମ ଦିବସରେ ଆଜି ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଯାତ୍ରା ପୀଠରେ ମୁଖ୍ୟ ପୁରୋହିତ ପଣ୍ଡିତ ସନାତନ ରଥଶର୍ମା ଓ ସେବାୟତ ଆଦିତ୍ୟ ପାତ୍ର ପ୍ରଚଳିତ ରୀତିନୀତି ଅନୁଯାୟୀ ମା’ଙ୍କୁ ବନ୍ଦାପନା ଓ ମହାଆଳତି କରି ପୂଜାର୍ଚ୍ଚନା କରିଥିଲେ। ମା’ବୁଢ଼ୀଠାକୁରାଣୀଙ୍କ ଘଟ ଶୋଭାଯାତ୍ରାରେ ସାହି ପରିକ୍ରମା କରିଥିଲା। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ଶାରଦୀୟ ଯାତ୍ରା ଉପଲକ୍ଷେ ସାହିଗୁଡ଼ିକରେ ବିଭିନ୍ନ ପ୍ରକାର ଆକର୍ଷଣୀୟ କଳାକୁଞ୍ଜ ନିର୍ମାଣ ହୋଇଛି।

## ସ୍ମାରକ ପତ୍ର ପ୍ରଦାନ

**ଗଞ୍ଜାମ** ହ୍ୱିଲ ଚେୟାର କ୍ରିକେଟ ଆସୋସିଏସନ ପକ୍ଷରୁ ଆସୋସିଏସନର ଖେଳାଳିମାନଙ୍କୁ ଖେଳ ସରଞ୍ଜାମ, ପୋଷାକ ଓ ଯାତାୟାତ ଖର୍ଚ୍ଚ ପ୍ରଦାନ ଲାଗି ଆଜି ଗଞ୍ଜାମ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୮ ମସିହାରୁ ଗଞ୍ଜାମ ଜିଲ୍ଲାର କିଛି ଦିବ୍ୟାଙ୍ଗ ଗଞ୍ଜାମ ହ୍ୱିଲ ଚେୟାର କ୍ରିକେଟ ଆସୋସିଏସନ ଟିମ ଗଠନ କରି ଜିଲ୍ଲା ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ କ୍ରିକେଟ ଖେଳି କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ଅକ୍ଟୋବର ମାସରେ କନ୍ଧମାଳ ଜିଲ୍ଲାରେ ଆୟୋଜିତ ରାଜ୍ୟସ୍ତରୀୟ ହ୍ୱିଲ ଚେୟାର କ୍ରିକେଟ ଟୁର୍ଣ୍ଣମେଣ୍ଟରେ ସେମାନେ ଅଂଶ ଗ୍ରହଣ କରିବେ। ଏଥିଲାଗି ସେମାନଙ୍କୁ ଆବଶ୍ୟକ ଖେଳ ସରଞ୍ଜାମ ସହ ଯାତାୟତ ଖର୍ଚ୍ଚ ଦେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ଗଜଲକ୍ଷ୍ମୀ ପୂଜା

ରାଜ୍ୟର ପୁରପଲ୍ଲୀରେ ଆସନ୍ତାକାଲି ଗଜଲକ୍ଷ୍ମୀ ପୂଜା ଏବଂ ଗୁରୁବାର ଦିନ କୁମାରପୂର୍ଣ୍ଣିମା ଅବସରରେ କୁମାରୀ ବ୍ରତ ପାଳନ କରାଯିବ। ଏହାପରେ ୧୮ ତାରିଖରୁ କାର୍ତ୍ତିକବ୍ରତ ଆରମ୍ଭ ହେବ।

## ବିଶ୍ୱ ହାତଧୂଆ ଦିବସ

ହାତଦ୍ୱାରା ଜୀବାଣୁ ପାଟିକୁ ଯାଉଥିବାରୁ ଏଥିପ୍ରତି ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ବିଶ୍ୱ ହାତଧୁଆ ଦିବସ ପାଳନ କରାଯାଉଛି ।

ଚଳିତବର୍ଷ  ବିଶ୍ୱ ହାତଧୁଆ ଦିବସର ବାର୍ତ୍ତା ରହିଛି 'ସ୍ୱଚ୍ଛ ହାତ କାହିଁକି ଗୁରୁତ୍ୱପୂର୍ଣ୍ଣ'। ବିଦ୍ୟାଳୟ ଗୁଡ଼ିକରେ ହାତଧୁଆ ଦିବସ ପାଳନ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏକ ମାସ ଧରି ଆସନ୍ତା ମାସ ୧୪ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ହାତଧୁଆ ଅଭ୍ୟାସ କରାଯିବ । ଏ ସମ୍ପର୍କରେ  ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ବିଶ୍ୱ ହାତ ଧୁଆ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କୁ ହାତ ଧୋଇବାକୁ ଏକ ଅଭ୍ୟାସରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି।

ଉପଯୁକ୍ତ ଭାବରେ ହାତ ଧୋଇବା, ଜୀବାଣୁମାନଙ୍କ ପ୍ରସାରଣକୁ ରୋକିବା ଏବଂ ଆମ ସମୁଦାୟଗୁଡ଼ିକୁ ସୁରକ୍ଷିତ ରଖିବାର ଏକ ସହଜ ଏବଂ ପ୍ରଭାବଶୀଳ ଉପାୟ ବୋଲି ସେ କହିଛନ୍ତି।

## ବାଲିଯାତ୍ରା : ପ୍ଲଟ ପଞ୍ଜୀକରଣ

**କଟକ**ର ଐତିହାସିକ ବାଲିଯାତ୍ରା ଆସନ୍ତା ମାସ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିନିମନ୍ତେ ପ୍ଲଟ୍ ଆବଣ୍ଟନ  ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ। ୧୦ଟି ଟିମ୍ ପଞ୍ଜୀକରଣ ପାଇଁ ନିୟୋଜିତ ହୋଇଛନ୍ତି।

ଚଳିତବର୍ଷ ୧୧ ଶହ ପ୍ଲଟ୍ ନିଲାମ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ହୋଇଛି । ଜମି ପଞ୍ଜିକରଣ ଓ ନିଲାମ ଶାନ୍ତି ଶୃଙ୍ଖଳାରେ ଶେଷ ହେବା ନେଇ କଟକ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଦିଗ ପ୍ରତି ଧ୍ୟାନ ଦିଆଯାଇଛି ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ କହିଛନ୍ତି ।

ସୂଚନାଯୋଗ୍ୟ, ଗତବର୍ଷ ୯୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ବାଲିଯାତ୍ରା ପାଇଁ ପ୍ଲଟ୍ ପଞ୍ଜୀକରଣ କରିଥିଲେ ।

*********************************